# ବିଏଡ୍ ଶିକ୍ଷା ନାଁରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

■ ଟଙ୍କା ନେଇ ୪ ଇନଷ୍ଟିଚ୍ୟୁଟ୍ ମାଲିକ ଫେରାର
■ ରସିଦ ନ ଥିବାରୁ ଥାନାକୁ ଯାଇପାରୁ ନାହାନ୍ତି ପିଲା

ରାୟଗଡ଼ା,୫।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ବିଏଡ୍ ଶିକ୍ଷା ନାଁରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ୪ ବେସରକାରୀ ଇନଷ୍ଟିଚ୍ୟୁଟ ମାଲିକ ପିଲାଙ୍କଠାରୁ ଟଙ୍କାନେଇ ଫେରାର ହୋଇଯାଇଛନ୍ତି । ଏହିଭଳି ବେସରକାରୀ ଇନ୍‌ଷ୍ଟିଚ୍ୟୁଟ ପ୍ରତି ଜିଲା ଶିକ୍ଷା ବିଭାଗ ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେବେ ଏହା ଏକ ବଡ଼କଧରଣର ର୍‍ୟାକେଟ ବୋଲି କେତେକ ଯୁବତୀ ଯୁବକ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ରାୟଗଡ଼ା ସହରର ଗୋଦାବରୀଶନଗର, ଇନ୍ଦିରାନଗର, ରାଣୀଗୁଡା ଏବଂ ନ୍ୟୁ କଲୋନୀରେ ଥିବା ୪ ଇନଷ୍ଟିଚ୍ୟୁଟ୍ ଏହି ଦଲାଲ କାମ କରୁଥିବା ଜଣାପଡ଼ିଛି। ସେହି ଇନଷ୍ଟଚ୍ୟୁଟଗୁଡ଼ିକୁ ଯାଇ ଯୁବତୀଯୁବକମାନେ ଠକେଇର ଶିକାର ହୋଇଛନ୍ତି। ଗୋଟିଏ ଇନଷ୍ଟିଚ୍ୟୁଟ୍ ୫୦ ରୁ ଅଧିକଙ୍କୁ ଠକେଇ କରିଛନ୍ତି । ବିଏଡ୍ ସାର୍ଟିଫିକେଟ ଦେବା ପ୍ରତିଶ୍ରୁତି ଦେଇ ଜଣକ ପିଛା ୧ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରି ଫେରାର ହୋଇଯାଇଛନ୍ତି। ଗତ ୧ ମାସ ହେବ ଇନଷ୍ଟଚ୍ୟୁଟ୍ ଖୋଲାଯାଇଥିବା ଘରଗୁଡ଼ିକରେ ତାଲା ଝୁଲୁଛି । ସାର୍ଟିଫିକେଟ ପାଇବା ଆଶାରେ ଟଙ୍କା ଦେଇଥିବା ଯୁବତୀଯୁବକ ହତାସ ହୋଇ ଫେରୁଛନ୍ତି। ତେବେ ଟଙ୍କା ନେଇଥିବା ଇନ୍‌ଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷ କୌଣସି ରସିଦ ଦେଇନଥିବାରୁ ପୋଲିସ ଓ ପ୍ରଶାସନ ପାଖରେ ଅଭିଯୋଗ କରିପାରୁ ନାହାନ୍ତି। ଅନେକ ଯୁବତୀ ଯୁବକ ବିଏଡ୍ ପରେ ଚାକିରି ଲକ୍ଷ୍ୟ ନେଇ ଋଣକରି ଟଙ୍କା ଦେଇଥିବା ବେଳେ କିଭଳି ତାହା ପରିଶୋଧ କରିବେ ସେମାନଙ୍କୁ ଚିନ୍ତା ଘାରିଛି । ଏଭଳିକି କେତେଜଣ ଯୁବତୀଯୁବକ ସୂଚନା ଦେଇଛନ୍ତି, କୌଣସି ପ୍ରକାର ପାଠ ନ ପଢ଼ି କେବଳ ପରୀକ୍ଷାରେ ସମ୍ପୃକ୍ତ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଯେଉଁ ଉତ୍ତର କପି ପ୍ରଦାନ କରାଯିବ ତାହା ଲେଖିବା ପାଇଁ ମଧ୍ୟ ସର୍ତ୍ତ କରାଯାଇଥିଲା । ତେଣୁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ମାଧ୍ୟମରେ ଏହି ଜାଲିଆତିର ତଦନ୍ତ କରିବା ଜରୁରୀ ବୋଲି ଶିକ୍ଷାବିତମାନେ ମତ ଦେଇଛନ୍ତି। ସରକାରଙ୍କ ଶିକ୍ଷା ଓ ମଙ୍ଗଳ ବିଭାଗରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଁ ବିଏଡ୍ ପାସ କରିବା ବାଧତାମୂଳକ। ଏହି କ୍ରମରେ ସରକାର ରାଜ୍ୟ ବାହାରର କେତେକ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରିଛନ୍ତି। ହେଲେ ଏହି ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ାଇ ପାସ୍ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାର୍ଟିଫିକେଟ ପ୍ରଦାନ ବଦଳରେ ଡିଷ୍ଟାନ୍ସ କୋର୍ସ ନାମରେ ସାର୍ଟିଫିକେଟ ବିକ୍ରି ଏକ ପ୍ରକାର ଜାରି ରହିଛି। ମୁଖ୍ୟତଃ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଥିବା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏହି କାରବାର ଜାରି ରହିଛି। ଗତ କିଛି ବର୍ଷ ହେବ ବିଏଡ୍ ସାର୍ଟିଫିକେଟ ହାସଲ କରିବା ନିମନ୍ତେ ଆବେଦନକାରୀଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଛି। ଏହା ଦୃଷ୍ଟିକୁ ଆସିବା ପରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ସାର୍ଟିଫିକେଟ ପାଇଁ ରାୟଗଡ଼ାରେ କିଛି ଇନଷ୍ଟିଚ୍ୟୁଟ ଦଲାଲି ଆରମ୍ଭ କରିଥିଲେ। ଗତ ୫ ବର୍ଷ ହେବ ଏହି ଦଲାଲି ଜାରି ରହିଥିଲା। ଏଥିରେ ଅନେକ ଯୁବତୀ ଯୁବକ ସହଜରେ ପୂର୍ବରୁ ସାର୍ଟିଫିକେଟ ହାତେଇଥିଲେ। ସାର୍ଟିଫିକେଟ ପାଇ ପ୍ରାଥମିକସ୍ତରଠାରୁ ଆରମ୍ଭକରି ଉଚ୍ଚ ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଅନେକେ ଚାକିରି ମଧ୍ୟ ପାଇଛନ୍ତି। ତାହାକୁ ଅନୁକରଣକରି ସେହିପରି ଅନ୍ୟ ଯୁବତୀ ଯୁବକମାନେ ସେହି ସମାନ ବାଟଦେଇ ସାର୍ଟିଫିକେଟ ହାତେଇବା ପାଇଁ ଉଦ୍ୟମ କରିଥିଲେ।

ପ୍ରକାଶ ଯେ, ରାୟଗଡ଼ା ଜିଲାରେ ବିଏଡ୍ ଶିକ୍ଷା ପାଇଁ ୨୦୧୭ରେ ୮କୋଟି ଟଙ୍କା ବ୍ୟୟରେ ଏକ କୋଠା ନିର୍ମାଣ ହୋଇଥିଲା। ହେଲେ ତାହା ଆରମ୍ଭ ନ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଏଠାରେ ସରକାରୀସ୍ତରରେ ବିଏଡ୍ ପାଠ୍ୟକ୍ରମ ଆରମ୍ଭ ହୋଇଥିଲେ ଯୁବତୀଯୁବକମାନେ ଉପକୃତ ହୋଇ ପାରିଥାନ୍ତେ। ତେବେ ଏହା କାର୍ଯ୍ୟକ୍ଷମ ନ ହେବା ଫଳରେ ରାୟଗଡ଼ା ଜିଲା ସମେତ ପଡ଼ୋଶୀ କେତେକ ଜିଲାର ଯୁବତୀଯୁବକ ବିଏଡ୍ ଶିକ୍ଷା ପାଇଁ ବେସରକାରୀ ଇନ୍‌ଷ୍ଟିଚ୍ୟୁଟ ଉପରେ ନିର୍ଭର କରି ଠକାମୀର ଶିକାର ହେଉଛନ୍ତି।

# ହରହରି ଅଲ୍‌ଟ୍ରା ମାରାଥନରେ ଗୋରଖପୁରର କବିସୂର୍ଯ୍ୟ ପ୍ରଥମ

ଟିକିରି, ୫।୧୦
(ପ୍ରଫୁଲ୍ଲ କୁମାର ବେହେରା)


କବିସୂର୍ଯ୍ୟଙ୍କୁ ପୁରସ୍କୃତ କରାଯାଉଛି।

ଅକ୍ଟୋବର ୨ ଗାନ୍ଧିଜୟନ୍ତୀ ଅବସରରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରୁ ପୁରୀ ଶ୍ରୀ ମନ୍ଦିର ପର୍ଯ୍ୟନ୍ତ ହରହରି ଅଲ୍‌ଟ୍ରା ମାରାଥନ ଦୌଡ଼ର ଆୟୋଜନ କରାଯାଇଥିଲା। ଏଥିରେ କାଶୀପୁର ବ୍ଲକ ଗୋରଖପୁର ଗ୍ରାମର କବିସୂର୍ଯ୍ୟ ନାଏକ ଭାଗନେଇ ପ୍ରଥମ ହୋଇଛନ୍ତି।

ଭୁବନେଶ୍ୱର ଆଇରନ ମଙ୍କର ପ୍ରତିଷ୍ଠାତା ଗୋପାଳ କୃଷ୍ଣ ସାହୁ ଏହି ମାରାଥନ ଦୌଡ଼ର ଆୟୋଜନ କରିଥିଲେ। ଓଡ଼ିଶା ପର୍ଯ୍ୟଟନର ବିକାଶ ଓ ଗାନ୍ଧିଜୀ ଙ୍କ ମହାନ ଉଦ୍ଦେଶ୍ୟ ସ୍ୱଚ୍ଛତା, ସେବା ଓ ସଂକଳ୍ପ ଉପରେ ସନ୍ଦେଶ ଦେଇଥିଲେ। ଏହି ମାରାଥନରେ ବହୁ ସଂଖ୍ୟରେ ବିଭିନ୍ନ ବର୍ଗର ପିଲା ଓ ବୟସ୍କମାନେ ଭାଗ ନେଇଥିଲେ। ଏଥିରେ ରାଉଲକେଲାର ଜଣେ ୭୩ ବର୍ଷୀୟା ମହିଳା ଉର୍ମିଳା ଦାସ ୫ କି.ମି. ବର୍ଗରେ ଭାଗ ନେଇଥିଲେ। ଭୁବନେଶ୍ୱର ଜଣେ ୧୦ବର୍ଷୀର ଝିଅ ମଧ୍ୟ ଏଥିରେ ଭାଗ ନେଇଥିଲେ। ସକାଳ ୫ଟାରେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରୁ ମାରାଥନ୍ ଦୌଡ଼ ଆରମ୍ଭ ହୋଇଥିଲା। ଦ୍ୱିପ୍ରହର ୨ଘଣ୍ଟା ୩୦ ମିନିଟରେ ପୁରୀରେ ସମସ୍ତ ପ୍ରତିଯୋଗୀ ପହଞ୍ଚି ମାରାଥନ ଦୌଡ଼ ଶେଷ କରିଥିଲେ। ଭୁବନେଶ୍ୱର ଆଇରନ ମଙ୍କର ଆୟୋଜକ ଗୋପାଳ କୃଷ୍ଣ ସାହୁ ବିଭିନ୍ନ ବର୍ଗରେ ସମସ୍ତଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ,ଦାନ ଉତ୍ସବ କାର୍ଯ୍ୟକ୍ରମ


ଦାନ ଉତ୍ସବରେ ଉପସ୍ଥିତ ମହାଶକ୍ତି ଫାଉଡେଶନର ଅଧିକାରୀ ଓ ଗ୍ରାମବାସୀ।

ମୁନିଗୁଡ଼ା,୫।୧୦(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍ ଶିବପଦର ପଞ୍ଚାୟତ ପାଜିବାଲି ଗ୍ରାମରେ ମହାଶକ୍ତି ଫାଉଣ୍ଡେଶନ ଆୟୋଜନରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଓ ଦାନ ଉତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାଶକ୍ତି ଫାଉଣ୍ଡେଶନର ବରିଷ୍ଠ ପରିଚାଳକ ବାଳକୃଷ୍ଣ ରଥ,ସଭାପତି ଡ.ଦେବାଶିଷ ମହାପାତ୍ର, ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ,ମୁନିଗୁଡ଼ା ରେଞ୍ଜର ଅନିଲ ବାଲା, ଶିବପଦର ସରପଞ୍ଚ ପ୍ରକାଶ କରସିକା, ପୂର୍ବତନ ସରପଞ୍ଚ ଜଗନ୍ନାଥ ମୁହୁକା,ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ,ବନପାଳ ପ୍ରମୋଦିନୀ ମଣ୍ଡାଙ୍ଗି ଓ ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କୁ ନିଃସ୍ୱାର୍ଥପର ଭାବେ ଦାନକରି ଖୁସି ବାଣ୍ଟିବା ଦାନ ଉତ୍ସବର ଉଦ୍ଦେଶ୍ୟ ବୋଲି ମହାଶକ୍ତି ଫାଉଣ୍ଡେଶନର ସଭାପତି ମହାପାତ୍ର କହିଥିଲେ। ମହାଶକ୍ତି ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାର ୭୫ ଆଦିବାସୀ ବହୁଳ ସ୍ଥାନରେ ୩୭୦୦ ପରିବାର ସହ ଦାନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ପରିଚାଳନା ନିର୍ଦ୍ଦେଶକ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ ଗ୍ରାମରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା। ଦାନ ଉତ୍ସବରେ ଗ୍ରାମର ୪୦ ଆଦିବାସୀ ପରିବାରକୁ ଶାଢ଼ି,କମ୍ବଳ,ଖାତା,ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରାଯାଇଥିଲା। ସୁରେଶ ଚନ୍ଦ୍ର ପଟ୍ଟନାୟକ,ହୃଷୀକେଶ ସାହୁ ଓ ଦେବେନ୍ଦ୍ର ମିଶ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପିଏମ୍ କିଷାନ କିସ୍ତି ପାଇଲେ ୪୨,୦୩୨ ଚାଷୀ

ରାୟଗଡ଼ା/ ମୁନିଗୁଡ଼ା, ୫।୧୦(ଆଶିଷ ରଞ୍ଜନ ପଣ୍ଡା/ ନନ୍ଦ କିଶୋର ପଟ୍ଟନାୟକ)


କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀ ଓ ବିଭିନ୍ନ ଅଧିକାରୀ ଯୋଗଦେଇ ଭର୍ଚୁଆଲରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଦେଖିଥିଲେ। ଜିଲାପାଳ ପାରୁଲ ପଟାୱରୀଙ୍କ ସମେତ ଜିଲା କୃଷି ଅଧିକାରୀ ବିଷ୍ଣୁଦେବ କର, ଜିଲା ପ୍ରାଣୀ ଚିକିତ୍ସାଧିକାରୀ, ପୌରାଧକ୍ଷ ପି. ମହେଶ ପଟ୍ଟନାୟକ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ.ଦୟାନିଧି ବାଗ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲା ମତ୍ସ୍ୟଧିକାରୀ ଜ୍ଞାନ ସେଠୀ ଓ ଡିଆଇପିଆରଓ ବସନ୍ତ କୁମାର ପ୍ରଧାନଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ। ଜିଲାର ୪୨ହଜାର ୩୨ ଚାଷୀ କିସ୍ତି ଟଙ୍କା ପାଇଛନ୍ତି। ସେଥିରୁ ବିଷମକଟକର ୩୧୮୨, ଚନ୍ଦ୍ରପୁରର ୨୧୨୮, ଗୁଡ଼ାରୀର ୩୩୭୦, ଗୁଣପୁରର ୪୩୧୫, କଲ୍ୟାଣସିଂହପୁରର ୩୬୨୫, କାଶୀପୁରର ୫୯୫୮, କୋଲନରାର ୩୮୯୪, ମୁନିଗୁଡ଼ାର ୪୦୧୬, ପଦ୍ମପୁରର ୩୧୯୫, ରାମନାଗୁଡ଼ାର ୨୭୭୮ ଓ ରାୟଗଡ଼ା ବ୍ଲକର ୫୫୭୧ଜଣ ଚାଷୀ ରହିଛନ୍ତି।

ମୁନିଗୁଡା ବ୍ଲକରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ସଭାଗୃହ ପରିସରରେ ପିଏମ୍ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ଚାଷୀମାନଙ୍କୁ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡାର ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ଚିତ୍ତରଞ୍ଜନ ଶତପଥି,ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ,ମୁନିଗୁଡା ବିଡିଓ ପ୍ରୀତମ କୁମାର ତନ୍ତୀ,ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ,ମୁନିଗୁଡା ସହକାରୀ କୃଷି ଅଧିକାରୀ ଦୀପ୍ତିରାଣୀ ପଟ୍ଟନାୟକ,ସହକାରୀ ବୈଷୟିକ ପରିଚାଳକ ରଙ୍କନିଧି ପ୍ରଧାନ,ଲୋପାମୁଦ୍ରା ଖୁଣ୍ଟିଆ,କୃଷି ଅଧିଦର୍ଶକ ହିମାଂଶୁ ଭୂଷଣ ମହାନ୍ତି,ପ୍ରକାଶ ଚନ୍ଦ୍ର ବେହେରା, ରମାକାନ୍ତ ସାରା,ବିଳାସ ଗାଣ୍ଟା,ଭାସ୍କର ଶବର,ମଞ୍ଜୁଳା ଷଡ଼ଙ୍ଗୀ,ପ୍ରାଣୀ ସମ୍ପଦ ବିଭାଗର ଅମିତ କୁମାର ପାଢ଼ୀ,ଗ୍ରାମ୍ୟ କୃଷି କର୍ମଚାରୀ ପ୍ରଭାତ ପ୍ରକାଶ ନାଏକ ଓ ମିଲେଟ ମିଶନର ହିମାଂଶୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟଜନ୍ତୁଙ୍କୁ ସୁରକ୍ଷା, ସଂରକ୍ଷଣ ବାର୍ତ୍ତା

ଟିକିରି, ୫।୧୦(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ବିଶ୍ୱ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା ପଦଯାତ୍ରା କରାଯାଇଛି। ଟିକିରି ବନାଞ୍ଚଳ ଅଧିକାରୀ ଅନୀଲ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ଟିକିରି ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବନକର୍ମଚାରୀ ସାମିଲ ହୋଇଥିଲେ। ପଦଯାତ୍ରା ଗୋକୁଳମୁଣ୍ଡା ହାଟପଦା ଦେଇ ଟିକିରି ରେଞ୍ଜ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ବନ୍ୟଜନ୍ତୁଙ୍କୁ ସୁରକ୍ଷା ଓ ସଂରକ୍ଷଣ ନେଇ ବାର୍ତ୍ତା ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ୧୨ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବନ୍ୟଜନ୍ତୁ ସଂରକ୍ଷଣ ଓ ସୁରକ୍ଷା ଉପରେ ରଚନା ପ୍ରତିଯୋଗିତା କରାଯାଇଥିଲା। ୫୦ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଟିକିରି ବନାଞ୍ଚଳ ଅଧୀନ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପଦଯାତ୍ରା ସହର ପରିକ୍ରମା କରୁଛି।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ବିଡିଓ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି।

ଗୁଡାରି,୫।୧୦(ପ୍ରମୋଦ କୁମାର ପତି)

ଗୁଡାରିସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଡିଓ ଅନିଶା ଦାସ କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ,ଦୁଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସିଆରସିସି, ଶିକ୍ଷକ ଏବଂ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱନାଥ ସାମଲ ପରିଚାଳନା କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉମ୍ୱସରା କଲେଜ ପରିଦର୍ଶନ

ଗୁଣପୁର,୫।୧୦(ପ୍ରଦୀପ କୁମାର ପାଢ଼ୀ)


ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଗହଣରେ ଅଧାପକ ଓ କର୍ମଚାରୀମାନେ

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଉମ୍ୱସରା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟକୁ ଶନିବାର ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ପରିଦର୍ଶନ କରିଥିଲେ। ଜାତୀୟ ଶିକ୍ଷା ନୀତି ଓ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଲାଗି ଏକ ନୂତନ ସନ୍ଦେଶ ଦେଇଛନ୍ତି। ମହାବିଦ୍ୟାଳୟ ପରିବେଶ ଆନୁସଙ୍ଗିକ ସ୍ଥିତାବସ୍ଥା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପରିଲକ୍ଷିତ କରିଥିଲେ। ମହାବିଦ୍ୟାଳୟ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କଲାବେଳେ ଅନେକ ସକାରାତ୍ମକ ଦିଗକୁ ପ୍ରୋତ୍ସାହିତ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହିସାବରେ ଗୁଣପୁର ମାଟିର ସନ୍ତାନ ହୋଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ ଉଦ୍‌ଘାଟନ୍‌କଲେ ବିଧାୟକ

କୋଲନରା,୫।୧୦(ମାନସ ମିଶ୍ର)

ରାୟଗଡା ବ୍ଲକ କୁଲି ଗ୍ରାମ କଲ୍ୟାଣ ମଣ୍ଡପ,ପାର୍କ, ମୁକ୍ତାକାଶ ବ୍ୟାୟାମଶାଳା ଓ ଗ୍ରାମୀଣ ହାଟ ବିଧାୟକଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ଏହି ୩ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡା ବ୍ଲକ ଏମ୍‌ପି ପ୍ରତିନିଧି ଭୂଷଣ ବିଡ଼ିକା, କୋରାପୁଟ ଏମ୍‌ପିଙ୍କ ବ୍ୟକ୍ତିଗତ ପିଏ ବାପି ପଟ୍ଟନାୟକ, ଜିଲା କିଷାନ କଂଗ୍ରେସ ସଭାପତି ଏମ୍.ଗଙ୍ଗାଧରଙ୍କ ସମେତ ବହୁସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ବ୍ଲକର ବଡ଼ ଆଲୁବାଡ଼ିରେ ଗ୍ରାମୀଣ ହାଟ ମଧ୍ୟ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ହାଟ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳବାସୀ ଏହାର ଲାଭ ପାଇବା ସହ ବ୍ୟବସାୟ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ମତ ଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

# ଲକ୍ଷ୍ମୀ ବସ୍ ଦୁର୍ଘଟଣାରେ ଶିଶୁ ମୃତ

ବିଷମକଟକ, ୫।୧୦(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ କିତିଙ୍ଗ୍ ଗ୍ରାମରେ ଲକ୍ଷ୍ମୀ ବସ୍ ଦୁର୍ଘଟଣାରେ ଜଣେ ଦେଢବର୍ଷର ଶିଶୁର ମୃତ୍ୟୁ ହୋଇଛି। ସେ ହେଲେ ଯୋଗୀ ହିକ୍‌କାଙ୍କ ପୁଅ ସାଇରାମ (ଦେଢ ବର୍ଷ)। ଲକ୍ଷ୍ମୀ ବସ୍ ଠିଆ ହେଇଥିବା ସମୟରେ ଶିଶୁଟି ବସ୍ ତଳକୁ ଚାଲିଯାଇଥିଲା। ଡ୍ରାଇଭର ଅଜାଣତରେ ବସ୍ ଚଳାଇବା ଫଳରେ ଚକାତଳେ ଚାପିହୋଇ ତାର ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ପୋଲିସ୍ ଘଟଣାର ତଦନ୍ତ କରିଥିବା ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି।

# ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଝୋଟି ପ୍ରତିଯୋଗିତା

ଗୁଣପୁର,୫।୧୦(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ବନ ବିଭାଗ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଫୁଲପୁଟି ଗ୍ରାମ ନିକଟସ୍ଥ ବ୍ରିଜ ଉପରେ ଝୋଟି ପ୍ରତିଯୋଗିତା କରାଯାଇଛି। ଗୁଣପୁର ବନାଞ୍ଚଳର ଘନାନ୍ତ୍ରୀ, ଚାଲକମ୍ବା, ଭୀମପୁର ପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ମହିଳାମାନେ ଏଥିରେ ଭାଗ ନେଇଥିଲେ। ଏଥିରେ ୧୫ ଏସ୍‌ଏଚ୍‌ଜିରୁ ୭୦ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ରବିବାର ଖଇରାରେ ହେବାକୁ ଥିବା ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ପୁରସ୍କୃତ କରିଥିଲେ। ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱ ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।


ପ୍ରତିଯୋଗୀମାନେ ଝୋଟି ପକାଉଛନ୍ତି।

# ୧ହଜାରରୁ ଊର୍ଦ୍ଧ୍ୱ ଅଖଣ୍ଡ ଦୀପ ଜାଳିଲେ ଶ୍ରଦ୍ଧାଳୁ

■ ମଝିଘରିଆଣୀ ମନ୍ଦିରରେ ଦଶହରାରେ ସ୍ୱତନ୍ତ୍ର ପୂଜାବିଧି
■ ୧୦ ଦିନ ଜଳିବ ଅଖଣ୍ଡ ଦୀପ

ରାୟଗଡ଼ା, ୫।୧୦ (ଭାଗ୍ୟଶ୍ରୀ ମିଶ୍ର)

ଧରାବତରଣ କରିଛନ୍ତି ମା' ଦୁର୍ଗା। ଆରମ୍ଭ ହୋଇଛି ଦଶହରା ପର୍ବ। ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରେ ପ୍ରଥା ଅନୁଯାୟୀ ଚାଲିଛି ପୂଜାର୍ଚ୍ଚନା। ଏଠାକାର ପୂଜା ଅନ୍ୟ ଦେବୀପୀଠଠାରୁ ସମ୍ପୂର୍ଣ୍ଣ ନିଆରା। ଅଶ୍ୱିନ ମାସ ପ୍ରତିପଦାରୁ ପୂଜା ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ଚାଲିଥାଏ। ବର୍ଷ ତମାମ ସର୍ବମୋଟ ୫ଟି ଖଣ୍ଡା ମଝି ଘରିଆଣୀଙ୍କ ମନ୍ଦିରରେ ରହିଥାଏ। ସେଗୁଡ଼ିକ ହେଲା ଜୟଦୁର୍ଗା, ମା ମଝିଘରିଆଣୀ, ରାଜ୍ୟ ବୁଲଇ, ସାତଭଉଣୀ,ଠାକୁରାଣୀ। କେବଳ ଜୟଦୁର୍ଗା ଖଣ୍ଡାକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଖଣ୍ଡା ପୂଜା ପାଇଥାଏ। ଜୟଦୁର୍ଗାଙ୍କ ଖଣ୍ଡା ବର୍ଷ ଯାକ ଏକ କପଡ଼ାରେ ବାନ୍ଧି ରଖାଯାଇଥାଏ । ଦଶହରା ସମୟରେ ପ୍ରତିପଦାରୁ ମଝିଘରିଆଣୀ ମନ୍ଦିରରୁ ଏହି ଖଣ୍ଡା ଖୋଲାଯାଏ। ଏହାପରେ ପଞ୍ଚାମୃତରେ ଖଣ୍ଡାକୁ ସ୍ନାନ କରାଯାଏ। ଖଣ୍ଡାକୁ ତହସିଲ ଅଫିସ କାର୍ଯ୍ୟାଳୟରେ ଥିବା ଅସ୍ଥାୟୀ ମଣ୍ଡପରେ ପ୍ରତିପଦାରୁ ଦଶମୀ ପର୍ଯ୍ୟନ୍ତ ପୂଜା କରାଯାଇଥାଏ। ସେଠାରେ ଚଣ୍ଡୀପାଠ, ଷୋଡ଼ଶ ଉପଚାର, ସନ୍ଧିପୂଜା କରିବାର ନିୟମ ରହିଛି। ରାଜାରାଜୁଡ଼ା ଅମଳରୁ ଏପରି ବିଧି ରହିଥିବା ମନ୍ଦିର ପୂଜକ ଚନ୍ଦ୍ର ପ୍ରକାଶ କହିଛନ୍ତି। ଦଶମୀ ତିଥିରେ ମଝିଘରିଆଣୀ ଏବଂ ଜୟଦୁର୍ଗା ଖଣ୍ଡାକୁ ଘାଷିସାହିସ୍ଥିତ ମରୁଡି ବସାରେ ପୂଜା କରିବାର ବିଧି ରହିଛି। ସେଠାରେ ଲିଡିକା ନାମକ ମେଣ୍ଢା ରହିଥାଏ। ତାହାକୁ କର୍ଣ୍ଣ ମନ୍ତ୍ର ଦେବା ପାରେ ମେଣ୍ଢାଟି ନିଜେ ମନ୍ଦିରରେ ମା'ଙ୍କ ସମ୍ମୁଖରେ ଯାଇ ନିଜକୁ ସମର୍ପଣ କରିଥାଏ ବୋଲି ପୂଜକ କହିଛନ୍ତି। ରାଜା ଅମଳରୁ ରହିଥିବା ଏହି ମନ୍ଦିର ପରମ୍ପରା ଏବଂ ଏହାର ବିଧିକୁ ଦେଖିବାକୁ ପ୍ରତିବର୍ଷ ଦଶହରାରେ ମା'ଙ୍କ ମନ୍ଦିରରେ ଭିଡ଼ ଜମିଥାଏ। ମା'ଙ୍କର ସୁନା ଅଳଙ୍କାରରେ ସଜିତ କରିବା ସହ ପ୍ରତିଦିନ ଫୁଲମାଳରେ ସଜା ଯାଇଥାଏ। ଦଶହରା ପର୍ଯ୍ୟନ୍ତ ମଝିଘରିଆଣୀ ଶ୍ରଦ୍ଧାଳୁଙ୍କୁ ସୁନାବେଶରେ ଦର୍ଶନ ଦେବେ। ଚଳିତ ବର୍ଷ ମଧ୍ୟ ମାନସିକଧାରୀମାନେ ପ୍ରାୟ ୧୦ଦିନ ଧରି ଅଖଣ୍ଡ ଦୀପ ଲଗାଇଛନ୍ତି। ଚଳିତ ଥର ୧୦ହଜାରରୁ ଊର୍ଦ୍ଧ୍ୱ ଦୀପ ଲାଗିଥିବା ମୁଖ୍ୟ ପୂଜକ କହିଛନ୍ତି। ଭକ୍ତମାନେ ନିଜର ମନସ୍କାମନାକରି ବିଶ୍ୱାସରେ ଦୀପ ଜାଳିଥିବା ସେ କହିଛନ୍ତି।


ମାନସିକଧାରୀମାନେ ଜାଳିଥିବା ଅଖଣ୍ଡ ଦୀପ।


ମା'ମଝିଘରିଆଣୀ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

#### ନାବାଳିକା ବଳାତ୍କାର ମାମଲା

**ଜୟପୁର,୫।୧୦(ପବନ ପାଣିଗ୍ରାହୀ)**

୨୦୨୧ରେ ସୁନାବେଡ଼ା ଥାନା ଅଞ୍ଚଳର ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ମାମଲା ବିଚାରକରି ଜୟପୁର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଅଭିଯୁକ୍ତ ଟୁଟୁ ହିଆଲ(୪୩)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ୪ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଶୁଣାଣି ହୋଇଛି। ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୨୨ ଦସ୍ତାବିଜକୁ ଭିତ୍ତିକରି ଜଜ୍ ଏହି ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ମକଦ୍ଦମାର ବିଚାର ଚାଲିଥିବା ବେଳେ ପୀଡ଼ିତାଙ୍କୁ ଅନ୍ତରୀଣ ଅନୁକମ୍ପା ରାଶି ବାବଦରେ ୩ ଲକ୍ଷ ଟଙ୍କା ଦିଆଯାଇଥିଲା। ପୀଡ଼ିତା ବଳକା ୩ ଲକ୍ଷ ଟଙ୍କା ପାଇବେ। ୨୦୨୧ ଅକ୍ଟୋବର ୧୨ ତାରିଖ ୧୧ଟା ବେଳେ ନାବାଳିକା ନିଜ ବଡ଼ ଭଉଣୀ ଘରକୁ ଯାଉଥିବା ବେଳେ ଟୁଟୁ ତାଙ୍କୁ ଏକୁଟିଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ନିଜ ମୋବାଇଲରେ ଫଟୋ ଉଠାଇ ପାଟି କରିଥିଲେ। ଲୋକେ ଜମାହେବାରୁ ଅଭିଯୁକ୍ତ ଖସି ପଳାଇଥିଲେ। ପୀଡ଼ିତାଙ୍କ ପରିବାରକୁ ଅବଗତ କରିବା ସହ ଫଟୋ ଉଠେଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ। ସୁନାବେଡ଼ା ପୋଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

### ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡର ଚଢାଉ, ଜଣେ ଗିରଫ

**ଜୟପୁର,୫।୧୦(ପବନ ପାଣିଗ୍ରାହୀ)**

ଦେଶୀ ମଦ ବିକ୍ରି ବେଳେ ଜିଲା ଅବକାରି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କେରାପୁଟର ସଞ୍ଜୟ କୁମାର ବିଷୋୟୀ। ଜୟପୁର ସଦର ଥାନା ଅଞ୍ଚଳରେ ଦେଶୀ ମଦ ବିକ୍ରିକରୁଥିବା ସୂଚନା ପାଇ ଚଢାଉ ସହ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଲା ଅବକାରି ଫ୍ଲାଇଙ୍ଗ ସ୍କ୍ୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

### ଗାଡ଼ି ମାଲିକଙ୍କୁ ଗଲା ଜରିମାନା ମେସେଜ

**ଜୟପୁର,୫।୧୦(ପବନ ପାଣିଗ୍ରାହୀ)**

ଜୟପୁର ସହରର ସିସିଟିଭି ନଜରରେ ରହିଛି। ଗୋଟିଏ ବାଇକରେ ୩ ଜଣ ବସିବା, ଗାଡି ଚଳାଉଥିବା ବେଳେ ମୋବାଇଲରେ କଥା ହେବା ଆଦି ସିସିଟିଭିରେ କଏଦ ହୋଇଛି। ଗାଡି ନମ୍ବର ଅନୁସାରେ ମାଲିକଙ୍କୁ ମେସେଜ ଯାଇଛି। ଶନିବାର ୫୫ ହଜାର ଟଙ୍କା ଜରିମାନା ଦେବା ପାଇଁ ଗାଡି ମାଲିକଙ୍କୁ ମେସଜ୍ ଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ପରିମଳ ବ୍ୟବସ୍ଥା ସୁଦୃଢ଼ ଉପରେ ଗୁରୁତ୍ୱ

**ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ,ହସ୍ପିଟାଲର ସ୍ୱତନ୍ତ୍ର ବୈଠକ**

**କୋରାପୁଟ,୫।୧୦(ଅମିତାଭ ବେହେରା)**

କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରୁ କେତେ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି ତାହାର ଏକ ଅଡିଟ କରାଯିବା ନେଇ କୋରାପୁଟ ମେଡିକାଲ କଲେଜରେ ଏକ ସ୍ୱତନ୍ତ୍ର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହେବା ସହ ନିର୍ବାଚିତ ଜନ ପ୍ରତିନିଧିମାନେ ବିରକ୍ତି ପ୍ରକାଶ କରିଥିଲେ। ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା,କୋଟପାଡ ବିଧାୟକ ରୂପୂ ଭତ୍ରା,ଜିଲା ପରିଷଦ ସଭାପତି ସସ୍ମିତା ମେଲେକା,କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ,ହସ୍ପିଟାଲ ଅଧିକ୍ଷକ ତଥା ଭାରପ୍ରାପ୍ତ ମେଡ଼ିକାଲ କଲେଜ ଡାକ୍ତର ସୁଶାନ୍ତ କୁମାର ସାହୁ , ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା,ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସଙ୍କ ସହ ବିଭିନ୍ନ ବିଭାଗର ପ୍ରଫେସରମାନେ ଉପସ୍ଥିତ ଥିଲେ। ଅନ୍ୟ ହସପିଟାଲରୁ କୋରାପୁଟକୁ କେତେ ରୋଗୀ ଆସୁଛନ୍ତି ଏବଂ କୋରାପୁଟରୁ କେତେ ରୋଗୀ ଅନ୍ୟ ହସପିଟାଲକୁ ସ୍ଥାନାନ୍ତରିତ କରାଯାଉଛି ତାହାର ଏକ ମାସିକ ଅଡିଟ କରାଯିବ। ସେହିପରି ହସ୍ପିଟାଲର ପରିମଳ ବ୍ୟବସ୍ଥା ସୁଦୃଢ଼ କରାଯିବ ସହ ହସ୍ପିଟାଲ ଗୃହର ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି। ପ୍ରତି ମାସରେ ଅଡିଟ ରିପୋର୍ଟକୁ ସମୀକ୍ଷା କରାଯିବ ବୋଲି ଜିଲାପାଳ ଭାସନ କହିଛନ୍ତି।



ସ୍ୱତନ୍ତ୍ର ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ୭ରେ ଦକ୍ଷିଣ, ପଶ୍ଚିମ ଓଡ଼ିଶାରେ ବସ୍ ଧର୍ମଘଟ

**ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ**

**ଜୟପୁର,୫।୧୦(ପବନ ପାଣିଗ୍ରାହୀ)**

ଲକ୍ଷ୍ମୀ ବସ ଚଳାଚଳକୁ ବିରୋଧ କରି ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଘରୋଇ ବସ ଧର୍ମଘଟ ହେବା ନେଇ ଘରୋଇ ବସଷ୍ଟାଣ୍ଡ ସଂଘ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ସରକାର ଲକ୍ଷ୍ମୀ ବସ ଟାୟାର-୧ରେ ଚଲାଇବା ପାଇଁ ଆଲୋଚନା ହୋଇଥିବା ବେଳେ ସରକାର ରାଜି ହେବା ସହ ସଂଘ ମଧ ସହଯୋଗ କରିଥିଲା। ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଯାଏ ବସ ଚାଳଚଳ କରୁଛି। କିନ୍ତୁ ଭାଜପା ସରକାରଙ୍କ ଟାୟାର-୨ ଚଲାଇବା ନିଷ୍ପତ୍ତିରେ ଘରୋଇ ବସ୍ ମାଲିକମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ରାଜ୍ୟ ସରକାର ତୁରନ୍ତ ଟାୟାର-୨ ନିଷ୍ପତ୍ତିରୁ ଓହରିବାକୁ ଘରୋଇ ବସ ମାଲିକ ସଂଘ ଦାବି କରିଛି। ଯେଉ ଅଞ୍ଚଳରେ ଘରୋଇ ବସ ସେବା ନାହିଁ,ସେହି ଅଞ୍ଚଳରେ ଲକ୍ଷ୍ମୀ ବସ ଚଳାଚଳ କଲେ ସଂଘ ସମର୍ଥନ କରିବ ବୋଲି କୁହାଯାଇଛି। ଲକ୍ଷ୍ମୀ ବସ୍‌ରେ ଯାତ୍ରୀଙ୍କୁ ସୁଲଭ ଦରରେ ଯାତ୍ରାୟତ କରିବାରୁ ଘରୋଇ ବସ ପ୍ରତି ଆକୃଷ୍ଟ ହେଉନାହାଁନ୍ତି। ରାଜ୍ୟ ସରକାର ଦାବି ପୂରଣ ନ କଲେ ଆସନ୍ତା ୭ ତାରିଖ ସଂନ୍ଧ୍ୟା ୬ ଟାରୁ ୮ ତାରିଖ ସନ୍ଧ୍ୟା ୬ଟା ଯାଏ ୨୪ ଘଣ୍ଟା ଘରୋଇ ବସ ଚଳାଚଳ ବନ୍ଦ ରହିବ। ଲକ୍ଷ୍ମୀ ବସ୍ ଟାୟାର-୨ ଚଲାଇବା ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଘରୋଇ ବସ୍ ବନ୍ଦ ରହିବ ବୋଲି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ୬୨,୨୦୦ ଚାଷୀଙ୍କୁ ପିଏମ୍ କିଷାନ କିସ୍ତି


ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ।

**କୋରାପୁଟ,୫।୧୦(ଅମିତାଭ ବେହେରା)**

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ପିଏମ୍ କିଷାନ ସମାରୋହର ସିଧାପ୍ରସାରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ରର ୱାସିମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ସମ୍ମାନ ୧୮ତମ କିସ୍ତିର ଅର୍ଥ ପ୍ରଦାନ କରିଛନ୍ତି। କୋରାପୁଟ ଜିଲାର ୬୨ ହଜାର ୨ଶହ ଚାଷୀ କିସ୍ତି ପାଇଥିବା ଜଣାପଡ଼ିଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଆଲୋମଣୀ ସେଠୀ,ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାସ, ଜିଲା କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ ମହାନ୍ତି, ଜିଲା ଉଦ୍ୟାନ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳ,ସିଡିଭିଓ,୧୪ ବ୍ଲକର କୃଷି ବିଭାଗ ଅଧିକାରୀ ଓ ଜିଲାର ସମସ୍ତ ବ୍ଲକରୁ ୧୦୦ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ପିଏମ୍ କିଷାନ ଯୋଜନାରେ ଜିଲାର ଚାଷୀଙ୍କ ଆକାଉଣ୍ଟକୁ ମୋଟ ୧୨ କୋଟି ୪୪ ଲକ୍ଷ ୪୦ ହଜାର ଟଙ୍କା ଆସିଛି। ଏହାଦ୍ୱାରା ଚାଷୀମାନଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ ବୋଲି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ କହିଛନ୍ତି।

# ବ୍ଲକ୍‌ସ୍ତରୀୟ ସୁରଭି ଉଦ୍‌ଯାପିତ

**ବୈପାରିଗୁଡ଼ା, ୫।୧୦(କଳ୍ପତରୁ ମହାନ୍ତି)**

ବୈପାରିଗୁଡ଼ାସ୍ଥିତ ନୋଡାଲ ହାଇସ୍କୁଲ ଖେଳପଡ଼ିଆରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ବିଇଓ ସୁକାନ୍ତ କର୍ତ୍ତାମିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏବିଇଓ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟ ରାଜେଶ୍ୱର ମହୁରିଆ ଓ ମଣି ଜାନୀ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରତୀପ ଚର୍ଚ୍ଚି, ବ୍ଲକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଖରା ଓ ସମ୍ପାଦକ ଦେବୀପ୍ରସାଦ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ୍‌ର ଆୟୋଜିତ ବିଭିନ୍ନ ସୃଜନମୂଳକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପିଲାମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ଛୁଇଁଥିଲା। ଶିକ୍ଷକ ମିହିର କର୍କରା ଓ ସୌମ୍ୟରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ହତ୍ୟା ମାମଲାରେ ୮ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର, ୫।୧୦ ( ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ ବିବସ୍ୱତ ଗୌତମ ଶନିବାର ବହୁ ଚର୍ଚ୍ଚିତ ସୁଶାନ୍ତ ସାହୁ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ପୂର୍ବତନ ସମିତି ସଭ୍ୟ ଲିଣ୍ଟା ଓରଫ ସୁଶାନ୍ତ କୁମାର ଜେନା ସମେତ ୮ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୯ ଏପ୍ରିଲ ୨୦ ତାରିଖ ସନ୍ଧ୍ୟାରେ ବଡଗୁମୁଳାର ସୁଶାନ୍ତ ତାଙ୍କ ପଡୋଶୀ ଘର ଦାଣ୍ଡରେ ବସି ମୋବାଇଲରେ କ୍ରିକେଟ ମ୍ୟାଚ ଦେଖୁଥିଲେ। ରାତ୍ର ପ୍ରାୟ ୯ଟାରେ ଗୋଟିଏ ଗୋଷ୍ଠୀର କେତେକ ଦୁର୍ବୃତ୍ତ ପହଞ୍ଚି ତାଙ୍କ ଉପରକୁ ବୋମାମାଡ କରି ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୪୬/୧୯ ରେ ଏକ ହତ୍ୟା ମାମଲା ରୁଜୁ କରି ସୁଶାନ୍ତ ଜେନା, ଟୁନା ସେଠୀ, ପ୍ରଦୀପ କୁମାର ସେଠୀ , ଅଜିତ ସେଠୀ, ମାମୁନି ସାହୁ, ଚନ୍ଦନ କୁମାର ରଣା, ଗୋପୀନାଥ ରଣା ଓ ସମୟ ରଣା ପ୍ରମୁଖ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସମସ୍ତ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇଥିଲେ। ତଦନ୍ତ ଅଧିକାରୀ ତଥା ତତ୍କାଳୀନ ତଦନ୍ତ ଅଧିକାରୀ ବିବେକାନନ୍ଦ ମହନ୍ତ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୧୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତମାନେ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଶିବ ନାରାୟଣ ସାହୁ, ବିରେନ ପଟ୍ଟନାୟକ ଓ ଅନୋଜ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ସମସ୍ତ ଅଲଟ୍ରାସାଉଣ୍ଡ ସେଣ୍ଟରର ହେବ ନିୟମିତ ଯାଞ୍ଚ

**ଜିଲା ପରାମର୍ଶଦାତା କମିଟି ବୈଠକ**

**କୋରାପୁଟ,୫।୧୦(ଅମିତାଭ ବେହେରା)**

କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପରାମର୍ଶଦାତା କମିଟି ବୈଠକ କରାଯାଇଛି । ଜିଲାର ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ନିୟମିତ ଯାଞ୍ଚ ସହ ଅନ୍ୟ ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ କରିବା, ସମସ୍ତ ଅଲଟ୍ରା ସାଉଣ୍ଡ ସେଣ୍ଟରରେ ସିସିଟିଭି ଲଗାଇବା, ଜିଲାରେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟାକୁ ରୋକିବାକୁ ଜିଲାପାଳ ଭି.କୀର୍ତ୍ତିଭସନ ନିର୍ଦ୍ଦେଶ ଦେଇଥିଲେ। ପରାମର୍ଶଦାତା କମିଟି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକ୍ରିୟାକୁ ବ୍ୟାପକ କରିବା ସହ ଭ୍ରୁଣ ହତ୍ୟା କରୁଥିବା ସଂସ୍ଥା ପ୍ରତି ନଜର ରଖିବା ଏବଂ ଚଢ଼ାଉ କାର୍ଯ୍ୟକୁ ବ୍ୟାପକ କରାଯିବା ନେଇ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ପ୍ରାକ୍ ଗର୍ଭଧାରଣ ଓ ପ୍ରସବ ପୂର୍ବ ନିଦାନ ଆଇନ ଜିଲା ପରାମର୍ଶଦାତା କମିଟିରେ ଜିଲାରେ ଥିବା ଅଲଟ୍ରାସାଉଣ୍ଡ ସେଣ୍ଟରରେ ସିସିଟିଭି ୭ଦିନ ମଧ୍ୟରେ ଲଗାଇବା,ହାଲ୍ ହସ୍ପିଟାଲରେ ଏବଂ ନାଲ୍‌କୋ ହସ୍ପିଟାଲରେ ପିଏମ୍‌ଏସ୍‌ଏମ୍‌ଏରୁ ପ୍ରେରିତ ଗର୍ଭବତୀଙ୍କୁ ମାଗଣା ଅଲଟ୍ରାସାଉଣ୍ଡ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ କୌଣସି ସ୍ୱାସ୍ଥ୍ୟମେଳା ହେବା ପୂର୍ବରୁ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ଅନୁମତି ନେବା ଆବଶ୍ୟକ ବୋଲି କୁହାଯାଇଥିଲା। ଜୟପୁର ଉପଜିଲାପାଳ ଆକାଭରମ୍ ଶସ୍ୟା ରେଡ୍ଡୀ,ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ,ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡ.ନୀଳମାଧବ ଶତପଥୀ, ଡିଏମ୍‌ଓ ଡ. ଆର୍.ଏନ୍ . ମିଶ୍ର ,ଡିଏସ୍‌ପି ବିରଞ୍ଚି ଜଗତ, ଆଡଭୋକେଟ ପି.କେ. ପାଢ଼ୀ, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ ଓ ସହକାରୀ ମ୍ୟାନେଜର ସୂର୍ଯ୍ୟ ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

**ସେମିଳିଗୁଡ଼ା ବ୍ଲକ୍ ସାଡ଼ାମ ପଞ୍ଚାୟତ**

**ସେମିଳିଗୁଡ଼ା/ସୁନାବେଡ଼ା,୫।୧୦**
**(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି ଗୋଷ୍ଠୀ ଶୌଚାଳୟ। ସେମିଳିଗୁଡ଼ା ବ୍ଲକ୍ ସାଡ଼ାମ ପଞ୍ଚାୟତ କାର୍ଯ୍ୟାଳୟ ପାଖକୁ ଲାଗି ନିର୍ମାଣ ହୋଇଥିବା ବେଳେ ଏହା ଲୋକଙ୍କ କାମରେ ଆସୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଏହା ନିର୍ମାଣ କରାଯାଇଥିଲା। ଏଥିରେ ମହିଳା ପୁରୁଷ ଓ ଭିନ୍ନକ୍ଷମଙ୍କ ଲାଗି ଅଲଗା ଦ୍ୱାର ରହିଥିବା ବେଳେ ଉଦ୍ଦେଶ୍ୟ ଥିଲା ଲୋକେ ଏହାର ସୁବିଧା ପାଇବେ। କିନ୍ତୁ ଆଶ୍ଚର୍ଯ୍ୟର କଥା ନିର୍ମାଣ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଶୌଚାଳୟକୁ ରାସ୍ତା ହୋଇପାରିଲା ନାହିଁ କିମ୍ବା ପାଣିର ସୁବିଧା ମଧ୍ୟ ହୋଇପାରିଲାନାହିଁ। ଫଳରେ ବ୍ୟବହାର ନ ହୋଇ ଏହା ଭୂତକୋଠି ପାଲଟିଛି। ଶୌଚାଳୟ ଚାରିପାଖ ଅନାବନା ଗଛଲତାରେ ଭରି ରହିଛି। ସରକାର ଲୋକଙ୍କ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ତାହା କାମରେ ଲାଗୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ସେମିଳିଗୁଡା ବିଡିଓ ଦେବାଶିଷ ଗୌଡ଼ଙ୍କୁ ପଚାରିବାରୁ ପିଇଓଙ୍କଠାରୁ ବୁଝିବା ପରେ ଶୌଚାଳୟ କିପରି କାର୍ଯ୍ୟକ୍ଷମ ହେବ ସେ ଉପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।




# ଶ୍ରମଦାନ କରି ଗାଁ ରାସ୍ତା ମରାମତି କଲେ ଗ୍ରାମବାସୀ

**ପକ୍କା ରାସ୍ତାରୁ ବଞ୍ଚିତ**

**କୋରାପୁଟ/ନାରାୟଣପାଟଣା,୫।୧୦**
**(ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ବୋରିଗି ପଞ୍ଚାୟତରୁ ଯାମୁଡା ୱଲ୍ସା ଗ୍ରାମବାସୀ ବର୍ଷ ବର୍ଷ ଧରି ଶୋଚନୀୟ ହୋଇପଡ଼ିଥିବା ରାସ୍ତାକୁ ଶ୍ରମଦାନ କରି ମରାମତି କରିଛନ୍ତି। ନାରାୟଣପାଟଣା ଲଙ୍ଗଲବେଡା ରାଜପଥରୁ ଯାମୁଡ଼ା ୱଲ୍ସା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷା ହେଲେ ଯାତାୟତ ସମ୍ଭବ ହୋଇପାରୁ ନାହିଁ। ରାସ୍ତା ମରାମତି ପାଇଁ ଗ୍ରାମବାସୀ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ନିକଟରେ ଗୁହାରୀ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଶନିବାର ସାହି ଅଧିବାସୀ ଚାନ୍ଦା ଆଦାୟ ଓ ଶ୍ରମଦାନ କରି ରାସ୍ତାରେ ମୋରମ ଓ ଗୋଡି ବିଛାଇ ନିଜ ଗ୍ରାମକୁ ନିଜେ ରାସ୍ତା ନିର୍ମାଣ କରିଛନ୍ତି। କେବଳ ଭୋଟ ସମୟରେ ପ୍ରତିଶ୍ରୁତି ଦିଅନ୍ତି, ଭୋଟ୍ ସରିଲେ କାହାର ଦେଖା ମିଳେନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି କରିବାକୁ ବାରମ୍ବାର ସରପଞ୍ଚ ଏବଂ ପ୍ରଶାସନକୁ ଅବଗତ କରାଯାଇଥିଲା ବୋଲି ୱାର୍ଡ ମେମ୍ବର ୱେଟେକା ସାହୁ, ମୁଣ୍ଡୁ ତାଦୀଙ୍ଗି, କୁଲେଶି ଓ ଜନାର୍ଦ୍ଦନ ପ୍ରମୁଖ ଅଭିଯୋଗ କରିଛନ୍ତି।


ଯାମୁଡା ଓଲସା ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

# ପାର୍ବଣରେ ଚଳଚଞ୍ଚଳ କୋଟପାଡ଼

**କୋଟପାଡ଼,୫।୧୦**
**(କେ.ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ଛତିଶଗଡ଼ ରାଜ୍ୟ ସୀମାବର୍ତ୍ତୀ ଅଞ୍ଚଳ କୋଟପାଡ଼ର ପର୍ବପର୍ବାଣି ନିଆରା। ଦଶହରା ପାଇଁ କୋଟପାଡ଼ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ସହରର ଆରାଧ୍ୟ ଦେବୀ ମା ମଉଳି ଠାକୁରାଣୀ ମନ୍ଦିର, ମା ଶୀତଳା ଠାକୁରାଣୀ ମନ୍ଦିରରେ ଧୁମଧାମ୍‌ରେ ସମ୍ପୂର୍ଣ୍ଣ ଆଦିବାସୀ ଢଙ୍ଗରେ ପାଳିତ ହୋଇଥାଏ। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ମା ମଉଳି ମନ୍ଦିରରେ ପୂଜାପାଠ କରାଯାଇ ଆଙ୍ଗାମାଳ ନେଇ ଏକ ଲମ୍ବା ବାଉଁଶ ଲାଠି ବାହାର କରି ନାଗରା, ମହୁରି, ଘଣ୍ଟା, ହୁଳହୁଳି ସହ ମନ୍ଦିରଠାରୁ ୧ କି.ମି ଦୂର ଦମୟନ୍ତୀ ସାଗର ବାହାରଗଡ଼ ସାହିସ୍ଥିତ ଚମ୍ପାଘାଟକୁ ନେଇ ଲାଠିକୁ ସ୍ନାନ କରି ପୂଜାପାଠ କରାଯାଏ। ମାଙ୍କୁ ନୂତନ ଓଢ଼ଣୀ,ବସ୍ତ୍ର ପରିଧାନ କରି ସହର ପରିକ୍ରମା ପରେ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ନିକଟରେ ସ୍ଥାପନ କରାଯାଏ। ସେହି ଦିନଠାରୁ ନବରାତ୍ର ପାଳନ ହେବା ସହ ପ୍ରତ୍ୟେକ ଦେବୀଦେବ ମନ୍ଦିରରେ ପୂଜାପାଠ ହୋଇଥାଏ। ପ୍ରତିପଦା ଦିନରୁ ମା' ମଉଳି ମନ୍ଦିରରେ ସନ୍ଧ୍ୟା ୭ଟାରୁ ପୂଜକଙ୍କ ଦ୍ୱାରା ମା'ଙ୍କ ଆଙ୍ଗାମାଳ ମଗାଯାଇଥାଏ। ଏକ ଘୋଡାରେ ରାତିରେ ମା'ଙ୍କ ଆଙ୍ଗାମାଳ ଛତର ବାହାର କରି ବାରଗଡ଼ ସାହିସ୍ଥିତ ମା ଶୀତଳା ଠାକୁରାଣୀ ମନ୍ଦିରରେ ଦୁଇ ଭଉଣୀଙ୍କ ଭେଟଘାଟ ହୋଇଥାଏ। ରାଜାରାଜୁଡା ସମୟରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳ ତଥା ଛତିଶଗଡ଼, ଆନ୍ଧ୍ର ପ୍ରଦେଶର ଶତାଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇଥାନ୍ତି। ଦଶହରା ଶେଷ ଦିନ ମାଉଳି ମନ୍ଦିରରେ ଆଖପାଖ ଅଞ୍ଚଳର ଦଶହରା ଲାଠି ବିଭିନ୍ନ ଦେବୀଦେବ ମନ୍ଦିରରୁ ବାହାରି ମା'ଙ୍କ ମନ୍ଦିରରେ ପହଞ୍ଚି ଅପରାହ୍ଣରେ ମା ମାଉଳିଙ୍କୁ ଏକ ବିମାନରେ ନେଇ ସହର ପରିକ୍ରମା କରାଯାଇଥାଏ। ମାଙ୍କୁ ସହର ପରିକ୍ରମା କରାଯାଇ ସହରଠୁ ୨ କି.ମି ଦୂର ତହସିଲ ପଡିଆ ନିକଟସ୍ଥ ଦଶହରା ପଡିଆର ଅସ୍ଥାୟୀ ମଣ୍ଡପକୁ ବିଜେ କରାଯାଏ। ପଡିଆରେ ରାବଣ ପୋଡ଼ି ବହୁ ଆଡ଼ମ୍ବରରେ କରାଯାଇଥାଏ। ପୂଜାପାଠ ହୋମଯଜ୍ଞ କଳାପରେ ନିଶବ୍ଦ ରାତ୍ରିରେ ପୁଣି ମା' ମାଉଳିଙ୍କୁ ବିମାନ ଦ୍ୱାରା ନିଜ ଆସ୍ଥାନ ମନ୍ଦିରକୁ ଅଣାଯାଇଥାଏ। ଛତିଶଗଡ଼ ରାଜ୍ୟର ମା'ଦାନ୍ତେଶ୍ୱରୀ ଠାକୁରାଣୀଙ୍କୁ ପୂଜାପାଠ ଶୈଳୀରେ ଏହି ଅଞ୍ଚଳରେ ମଧ ଦଶହରା ପାଳନ କରାଯାଇଥାଏ। କେନ୍ଦୁଗୁଡା ଯୁବକ ସଂଘ, ବାହାରଗୋଡ଼ ଯୁବକ ସଂଘ,ମହାନ୍ତି ସାହି ଯୁବକ ସଂଘ ଓ ଦୁଲପୁର ସାହିସ୍ଥିତ ଉତ୍କଳ ଯୁବକ ସଂଘ ଆନୁକୂଲ୍ୟରେ ଦୁର୍ଗା ମେଢ଼ ହୋଇଥାଏ।


ମା' ମାଉଳି ।


ମା' ମାଉଳିଙ୍କୁ ଏକ ବିମାନରେ ନେଇ ସହର ପରିକ୍ରମା କରାଯାଉଛି ।

## ସଂକ୍ଷେପରେ

### ଚନ୍ଦ୍ରଭାନୁ ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି

ଝରିଗାଁ,୫।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଲୋକ ସଭା ସଦସ୍ୟ ବଳଭଦ୍ର ମାଝୀଙ୍କ ବ୍ଲକ୍ ପ୍ରତିନିଧିଭାବେ ଚନ୍ଦ୍ରଭାନୁ ନାୟକଙ୍କୁ ମନୋନୀତ କରାଯାଇଛି। ଝରିଗାଁ ନିର୍ବାଚନମଣ୍ଡଳୀ ଭାଜପା ନେତା ଓ କର୍ମୀମାନେ କରସାହାଣ୍ଡି ଛକରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ବିଡିଓ ପ୍ରିତା କୁମାରଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଝରିଗାଁ ଜୋନ୍ ସଭାପତି ଗଣପତି ସାହୁ, ଚଚା ଜୋନ୍ ସଭାପତି ମହେଶ୍ୱର ତିୱାରୀ, ଧୋଡ୍ରା ଜୋନ୍ ସଭାପତି ମନୁରାମ ଭତରା,ରାଜ୍ୟ ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ବାସନ୍ତୀ ମାଝୀ , ଭାଜପା ଜିଲା ସମ୍ପାଦିକା ସୁମିତ୍ରା, ବରିଷ୍ଠ ଭାଜପା ନେତା ବସନ୍ତ ମାଝୀ, ପଞ୍ଚାନନ ବାୱାଲୀ, ସୁଜନ ଭକ୍ତ ମାଝୀ, ଜଗଦିଶ କଳାର, ସୁକାଲୁ ଗଣ୍ଡ, ଗିରି ପାଣ୍ଡେ, ପ୍ରଫୁଲ୍ଲ ପ୍ରଧାନୀ,ପ୍ରତାପ ବାଘ ଓ ସମସ୍ତ ପଞ୍ଚାୟତ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଭାନୁ ଦୀର୍ଘବର୍ଷ ହେବ ଭାଜପାରେ ରହି ଲୋକଙ୍କ ପାଇଁ କାମ କରିଆସୁଥିଲେ। ତେଣୁ ଦଳ ତାଙ୍କୁ ଏମ୍‌ପିଙ୍କ ପ୍ରତିନିଧି ଭାବେ କରିଥିବା ବଳଭଦ୍ର କହିଛନ୍ତି।

### ମାରଣାସ୍ତ୍ର ଦେଖାଇ ଲୁଟ୍ ମାମଲାରେ ୪ ଗିରଫ

କୋଡ଼ିଙ୍ଗା, ୫।୧୦(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଦଙ୍ଗାଛୁଆଁ ଛକ ନିକଟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କ ନିକଟରୁ ମାରଣାସ୍ତ୍ର ଦେଖାଇ ଲୁଟ୍ ମାମଲାରେ କୋଡ଼ିଙ୍ଗା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦମାପଳା ଗ୍ରାମର ଲଛମାନ ହରିଜନ, ଜଗ ହରିଜନ, ବନମାଳୀ ହରିଜନ ଏବଂ ଦୁର୍ଗାଗୁଡ଼ା ଗ୍ରାମର ଦିବାକର ଗଣ୍ଡା। ସେମାନଙ୍କ ଠାରୁ ନଗଦ ୨୦୦୦ ଟଙ୍କା ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ପ୍ରକାଶ ଯେ, ଅଗଷ୍ଟ ୮ରେ ଜଣେ ଫାଇନାନ୍ସ କର୍ମଚାରୀ ଟଙ୍କା ନେଇ ଫେରିବାବେଳେ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇଥିଲେ। ସେମାନେ ତାଙ୍କଠାରୁ ୨୪ ହଜାର ଟଙ୍କା ନେଇଯାଇଥିଲେ।



ଘଟଣା ସମ୍ପର୍କରେ ଅଭିଯୋଗ ହେବାପରେ କୋଡ଼ିଙ୍ଗା ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଏଥିରେ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# କଳାଦିବସ ପାଳିଲା କ୍ରିୟାନୁଷ୍ଠାନ କମିଟି

**ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ**

- ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଧାରଣାରେ ବସିଛନ୍ତି ।

ନରଗଙ୍ଗପୁର,୫।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟିପକ୍ଷରୁ ଶନିବାର ଡିଇଓଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ନିକଟରେ କଳାଦିବସ ପାଳନ କରାଯାଇଛି। ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟାକୁ ସେମାନେ ବିରୋଧ କରିଛନ୍ତି।

ନବରଙ୍ଗପୁର ଜିଲାର ଯୁବତୀଯୁବକ ଶିକ୍ଷିତ ହୋଇ ଯୋଗ୍ୟତା ଥାଇ ମଧ ଆମ ଗ୍ରୁପ୍ ସି ଏବଂ ଡି ଗ୍ରେଡ୍‌ର ଚାକିରି ପାଇପାରୁନାହାନ୍ତି। ବେକାର ହୋଇ ରହୁଛନ୍ତି। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ନବରଙ୍ଗପୁର ଜିଲାରେ ବେକାରି ସମସ୍ୟ ବଢୁଛି। ବିଗତ ଦିନରେ ନବରଙ୍ଗପୁର ଜିଲାର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ୮୬୦ ପଦବୀ ବାହାରିଥିଲା। ସେଥିରୁ ନବରଙ୍ଗପୁର ଜିଲାର ୧୩୪ ଜଣ ପ୍ରାର୍ଥୀ ହିଁ ନିଯୁକ୍ତି ପାଇଛନ୍ତି। ଜିଲାର ମୂଳ ବାସିନ୍ଦା ଶିକ୍ଷିତ ଯୁବତୀଯୁବକ କ'ଣ କରିବେ ବୋଲି କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନ କରିଛି। ରାଜ୍ୟରେ ଭାଜପା ଓ ବିଜେଡି ମେଣ୍ଟ ସରକାର ଥିବା ସମୟରେ ଜିଲାଭିତ୍ତିକ ନିଯୁକ୍ତିକୁ ସମର୍ଥନ ଥିଲା। ବିଜେଡି ଏହାକୁ ବଦଳାଇ ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା କଲା। ଏବେ ଭାଜପା ଜିଲାଭିତ୍ତିକ ନିଯୁକ୍ତି ଲାଗୁ ନ କରିବା ବିଡ଼ମ୍ବନାର ବିଷୟ ବୋଲି ପିସିସି ଉପସଭାପତି ମୁନା ତ୍ରିପାଠୀ କହିଛନ୍ତି । ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଅସ୍ମିତା କଥା କହୁଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏବେବି ସମୟ ଥିଲା ଜିଲାଭିତ୍ତିକ ନିଯୁକ୍ତି କରିପାରିଥାନ୍ତେ। ଜିଲାଭିତ୍ତିକ ପ୍ରକ୍ରିୟାକୁ ସରକାର ନ ମାନିବା ଯାଏ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି। ଗ୍ରୁପ୍ ସି ଓ ଡି ପଦବୀକୁ ଜିଲାଭିତ୍ତିକ ନିଯୁକ୍ତି ପ୍ରକ୍ରିୟା କରା ନ ଯିବା ପର୍ଯ୍ୟନ୍ତ ସରକାରଙ୍କ ବିରୋଧରେ ପ୍ରତିବାଦ ଚାଲିବ ବୋଲି ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା କହିଛନ୍ତି। ଜିଲାଭିତ୍ତିକ ନିଯୁକ୍ତିକୁ ସମର୍ଥନ ରହିବ। ପ୍ରତି ଗାଁ ଓ ପଞ୍ଚାୟତରେ କମିଟି କାମ କରୁଛି । ଉକ୍ତ କମିଟି ଗାଁ ଗାଁରେ ଜିଲାଭିତ୍ତିକ ନିଯୁକ୍ତି ନେଇ ସଚେତନ କରାଇବ ବୋଲି ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେଶ ଜାନୀ କହିଛନ୍ତି। କଳା ଦିବସ ପାଳନ ସମୟରେ ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ବୁଦ୍ଧୁ ଜାନୀ, ଜିତୁ ଜାନୀ, ଗୁରୁବନ୍ଧୁ ଗାଦବା, ଅବଦୁଲ ଫିରୋଜଙ୍କ ସମେତ ବିଭିନ୍ନ ସଙ୍ଗଠନ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପିଏମ୍ କିଷାନ ସମ୍ମାନ ନିଧି କିସ୍ତି ପାଇଲେ ୮୮,୭୬୮ ଚାଷୀ

ନବରଙ୍ଗପୁର/ପାପଡ଼ାହାଣ୍ଡି/ ତେନ୍ତୁଳିଖୁଣ୍ଟି, ୫।୧୦ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ/ ଚିଦାନନ୍ଦ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ୱାସିମ୍‌ରେ ଏକ ଭବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପିଏମ୍ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ପ୍ରଦାନ କରିଛନ୍ତି। ଦେଶର ୯ କୋଟି ୪୦ ଲକ୍ଷ ଚାଷୀଙ୍କୁ ୨୦,୦୦୦ କୋଟି ଡିବିଟି ମାଧ୍ୟମରେ ଜଣ ପିଛା ୨୦୦୦ ଟଙ୍କା ହିସାବରେ ଦିଆଯାଇଛି। ଏହି ପରିପେକ୍ଷୀରେ ନବରଙ୍ଗପୁରରେ ଜିଲାସ୍ତରୀୟ ଏବଂ ସମସ୍ତ ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ସିଧାସଳଖ ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ଜିଲାସ୍ତରର ଏହି କାର୍ଯ୍ୟକ୍ରମ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଜିଲାପାଳ ଶୁଭଙ୍କର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ, ଜିଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ ରାଓ, ଡିଆଇପିଆର୍‌ଓ ମନୋଜ ବେହେରା, କୃଷି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାରେ ୧୦୦ ଜଣ ଚାଷୀ ଏବଂ ବ୍ଲକ୍‌ଗୁଡ଼ିକରେ ୫୦ ଜଣ ଚାଷୀ ଯୋଗଦେଇଥିଲେ। ଶନିବାର ନବରଙ୍ଗପୁର ୧୮ ତମ କିସ୍ତିରେ ଜିଲାର ୮୮,୭୬୮ ଜଣ ଚାଷୀଙ୍କୁ୧୭ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

ପାପଡ଼ାହାଣ୍ଡି ତଣ୍ଡାଗୁଡ଼ା ବ୍ଲକ୍ କୃଷି କାର୍ଯ୍ୟାଳୟରେ ଆୟୋଜିତ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ବିଡିଓ କପିଳଦେବ ସାହୁ ମୁଖ୍ୟ ଅତିଥି, ବିଏଓ ଶିବାନୀ ଗୋଛାୟତ, ଏଓ ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍‌ର ୧୦ ହଜାର ଚାଷୀ ଏହି କିସ୍ତି ପାଇବେ। ଏଠାରେ ବିଭିନ୍ନ ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ଚାଷୀ, ସମସ୍ତ କୃଷି ଅଧିଦର୍ଶକ ଓ ଏଟିଏମ୍ ଯୋଗଦେଇଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକର ୮୬୦୦ ଚାଷୀଙ୍କ ଆକାଉଣ୍ଟକୁ ପିଏମ୍ କିଷାନର ୧୮ତମ କିସ୍ତି ଟଙ୍କା ଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ କୃଷି ଅଧିକାରୀ ବରୁଣ ଧନପାଲ, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭରସିୟର ଧିରେନ ବେହେରା, ମଧୁସ୍ମିତା ପତି, ବନ୍ଦିତା ମହାରଣା, ଜିତେନ୍ଦ୍ର ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଟିଏମ ବାଳଗୋବିନ୍ଦ ସାହୁ, ଆଶିଷ ରଞ୍ଜନ ପରିଡ଼ା ସହଯୋଗ କରିଥିଲେ। ୧୨୫୦ ଚାଷୀ ପି ଏମ୍ କିଷାନ କିସ୍ତିରୁ କେୱାଇସି କିମ୍ବା ଲାଣ୍ଡସେଡିଂ କରି ନ ଥିବାରୁ କିସ୍ତି ଟଙ୍କା ପାଇନାହାନ୍ତି। ସେମାନେ ଜନସେବା କେନ୍ଦ୍ରକୁ ଯାଇ ଇକେୱାଇସି କରିଲେ ଟଙ୍କା ପାଇବେ ବୋଲି ସହକାରୀ କୃଷି ଅଧିକାରୀ ନାୟକ କହିଛନ୍ତି।


ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ତେନ୍ତୁଳିଖୁଣ୍ଟି, ୫।୧୦ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ଦିବ୍ୟହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ପାଳିତ ହୋଇଛି। ବିଇଓ ରମେଶ ରୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ନିଲେନ୍ଦ୍ରୀ ନାୟକ ମୁଖ୍ୟଅତିଥି, ବିଡିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ବିଧାୟକ ପ୍ରତିନିଧି ହରେକୃଷ୍ଣ ମୁଦୁଲି, ଏ ବିଇଓ ମୋହନ ମଧୁସୂଦନ ବାଘ, ଅବସରପ୍ରାପ୍ତ ଶିକ୍ଷକ ହରିହର ମିଶ୍ର, ଗୋପୀନାଥ ମହାନ୍ତି, ରଞ୍ଜନ ପ୍ରଧାନ, ଇନ୍ଦିରା ପଟ୍ଟନାୟକ, ପିତାମ୍ବର ବିଷୋୟୀ ମଞ୍ଚାସୀନ ଥିଲେ। ଗ୍ରୁପ ଡାନ୍ସରେ କଣ୍ଟାଗାଁ, କଂଗ୍ରା ଓ ଖାତିଗୁଡ଼ା ସ୍କୁଲ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏଥିସହ ଆୟୋଜିତ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁନନ୍ଦିତା ତ୍ରିପାଠୀ ପରିଚାଳନା କରିଥିଲେ।


ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

### ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ, ୨ ଭାଇ ଗିରଫ

ଗୋପାଳପୁର,୫।୧୦(ନବୀନ ରାଜ ଆଚାରୀ)

ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଶନିବାର ୨ଭାଇଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୋରଳ ଗ୍ରାମର କାଳିଆ ବେହେରା ଓ ତାଙ୍କ ସାନ ଭାଇ ଭୁବନା ବେହେରା। ସୋରଳ ଗ୍ରାମରେ ସଞ୍ଜୁଲତା ବେହେରା ଗ୍ରୋସରୀ ଦୋକାନ କରିଛନ୍ତି। ଗୁରୁବାର ରାତିରେ କାଳିଆ ଓ ଭୁବନା ଆସି ଗ୍ରୋସରୀ ସାମଗ୍ରୀ ନେଇ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଦୁଇ ଭାଇ ଉତ୍‌କ୍ଷିପ୍ତ ହୋଇ ସଞ୍ଜୁଲତାଙ୍କ ମୁଣ୍ଡକୁ ଛଡ଼ରେ ଆକ୍ରମଣ କରିଥିଲେ। ତାଙ୍କ ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣ କରି ଘଟଣାସ୍ଥଳରୁ ଉଭୟେ ଚମ୍ପଟ ମାରିଥିଲେ। ଆହତ ଦମ୍ପତିଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଗୋଳନ୍ଥରାରେ ସଞ୍ଜୁଲତା ଲିଖିତ ଅଭିଯୋଗକ୍ରମେ ନଂ ୩୯୬/୨୪ରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଗ୍ରାମରେ କାଳିଆ ଓ ଭୁବନା ଥିବା ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ କାବୁ କରିଥିଲା।

# ୩ ଶିଶୁଙ୍କ ସମେତ ୧୨ ଆକ୍ରାନ୍ତ

**ନନ୍ଦାହାଣ୍ଡିରେ ପୁଣି ଝାଡ଼ାବାନ୍ତି**

ନନ୍ଦାହାଣ୍ଡି, ୫।୧୦ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଏକମ୍ବା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଶନିବାର ୩ ଶିଶୁଙ୍କ ସମେତ ୧୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ୯ଜଣଙ୍କୁ ଏକମ୍ବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିସ୍ତତ ହୋଇଥିଲେ। ୩ ଶିଶୁଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି କାହାର ଝାଡ଼ାବାନ୍ତି ହେଉଛି କି ନାହିଁ ପଚାରି ବୁଝିଥିଲେ। ଏଥିସହ ଗ୍ରାମବାସୀଙ୍କୁ ଗରମ ପାଣି ପିଇବା ସହ ଏବଂ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଛନ୍ତି। ଝାଡ଼ାବାନ୍ତି ଲକ୍ଷଣ ଦେଖାଗଲେ ଚିକିତ୍ସା ପାଇଁ ସଜାଗ ରହିଥିବା ନେଇସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଶନିବାର ସକାଳେ ପ୍ରଥମେ ଗାଁର ୯ଜଣଙ୍କଠାରେ ଝାଡ଼ାବାନ୍ତି ଲକ୍ଷଣ ଦେଖାଦେଇଥିଲା। ସେମାନେ ସମସ୍ତେ ଏକମ୍ବା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେମାନଙ୍କୁ ଔଷଧ ଦିଆଯାଇଥିଲା। ସନ୍ଧ୍ୟାରେ ୩ ଜଣ ଶିଶୁ ଭଗବତୀ ମାଳି, ପୂର୍ଣ୍ଣଚନ୍ଦ୍ର ମାଳି ଓ ରେବତୀ ମାଳି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେ ସମସ୍ତଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା ଆରମ୍ଭ କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ନିରୀକ୍ଷଣରେ ରଖାଯାଇଥିବା ଡାକ୍ତର ସ୍ୱପ୍ନା ନାୟକ ସୂଚନା ଦେଇଛନ୍ତି। କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଛି ତାହା ଏଯାଏ ଅସ୍ପଷ୍ଟ ରହିଛି। ପରିବାର ଲୋକଙ୍କ କହିବା ଅନୁସାରେ ଆକ୍ରାନ୍ତ ଶିଶୁମାନେ ଅଙ୍ଗନୱାଡିରେ ଡାଲମା ଓ ଅଣ୍ଡା ଖାଇଥିଲେ।

### ଅଭାବରୁ ଆତ୍ମହତ୍ୟା

ବୁଗୁଡ଼ା,୫।୧୦(କାଳିଚରଣ ଦାଶ)

ବୁଗୁଡା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ଜଣେ ବ୍ୟକ୍ତି ଅଭାବରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବୁଦ୍ଧିଆ ଭୋଳ(୫୩)। ବୁଦ୍ଧିଆ ଦିନ ମଜୁରିଆ ଭାବେ ଭୁବନେଶ୍ୱରରେ ଏକ ଠିକାସଂସ୍ଥାରେ କାମ କରୁଥିଲେ। ସେଠାରୁ ନିଜ ପରିବାରକୁ ପଠାଇବା ପାଇଁ ଠିକାଦାରଙ୍କୁ ମଜୁରି ବାବଦ ଟଙ୍କା ବାରମ୍ବାର ମାଗିଥିଲେ ମଧ୍ୟ ସେ ନ ଦେବାରୁ ନିରାଶ ହୋଇ ଗାଁକୁ ଫେରିଥିଲେ। ତେବେ ଆର୍ଥିକ ଅନାଟନର ଦୁଃଖ ସହି ନ ପାରି ସେ ବୁଦ୍ଧିଆ ଶୁକ୍ରବାର ବିଷପାନ କରିଥିଲେ। ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲେ ମଧ ମୃତ୍ୟୁ ଘଟିଥିଲା।

# ସୁରଭି ମଞ୍ଚରେ ପ୍ରତିଭା ପ୍ରଦର୍ଶନ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଚନ୍ଦାହାଣ୍ଡି, ୫।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକସ୍ତରୀୟ ସୁରଭି ବ୍ଲକ କଲୋନୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରସ୍ତରର ୨୫୦ କୃତୀ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏବିଇଓ ବିଜୟାନନ୍ଦ ସୋରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ମୁଖ୍ୟ ଅତିଥି, ପାନବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ଦାସ ମୁଖ୍ୟବକ୍ତା, ବରିଷ୍ଠ ସାମାଜିକ କର୍ମୀ ଗୋବିନ୍ଦ ଜୈନ, ପ୍ରତାପ ବାଘ, ଅଧିରାଜ ନାୟକ, କଦମ ପୂଜାରୀ, ଓଏଭି ଅଧ୍ୟକ୍ଷ ତରଣୀ ସେନ ଦୁର୍ଗା, ଅବସରପ୍ରାପ୍ତ ଏବିଇଓ ନୀଳକଣ୍ଠ ଦାଶ, ଦୂତିବାହନ ଖମାରୀ, ପୁରୁଷୋତ୍ତମ ପାରୀ, ଏନପିଏସ୍ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ଲଙ୍ଗପଡ଼ା ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରଥମ, ଜୁନପାଣି ଆଶ୍ରମ ବିଦ୍ୟାଳୟ ଦ୍ୱିତୀୟ ଏବଂ ଭେଣ୍ଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ହୋଇଛି। ସେମାନଙ୍କୁ ଏବଂ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ସିଆର୍‌ସିସି ଏମ୍ ବିଘ୍ନେଶ୍ୱର ଆଚାରୀ, ରାଜେଶ୍ୱର ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପଦସଙ୍କୁଳଭାବେ ରହିଛି ୩୦ ବର୍ଷର କଲଭର୍ଟ



ପାପଡାହାଣ୍ଡି, ୫।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ଅଧୀନ କର୍ତ୍ତିଆଗୁଡ଼ା ଏବଂ ଚେରଚେଟା ଗ୍ରାମ ମଧ୍ୟରେ ଥିବା ପେଟଫୁଲା ନାଳ ଉପରେ ଏକ କଲଭର୍ଟ ରହିଛି। ଯାହାକି ଏବେ ବିପଦସଙ୍କୁଳ ଅବସ୍ଥାରେ। ତଳେ ଗୋଟିଏ କାନ୍ଥ ପିଲର ଧସି ଭାଙ୍ଗି ଗଲାଣି। ସେହି କଲଭର୍ଟ ଉପରେ ଦୈନିକ ଭୟଭୀତ ଅବସ୍ଥାରେ ଯାତାୟତ କରୁଛନ୍ତି ୩ ପଞ୍ଚାୟତବାସୀ। କେତେବେଳ ଯେ ଏକ ବଡ଼ ଦୁର୍ଘଟଣା ଘଟିବ ତାହା କହିହେବନାହିଁ। ତେଣୁ ଉକ୍ତ କଲଭର୍ଟକୁ ଶୀଘ୍ର ମରାମତି କରିବାକୁ ଦାବି ହେଉଛି।

ଏହି କଲଭର୍ଟଟି ୩୦ବର୍ଷ ତଳେ ନିର୍ମାଣ ହୋଇଥିଲା। କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହାର ଉପର ରାସ୍ତା ତିଆରି ହୋଇଥିଲା। କିନ୍ତୁ କଲଭର୍ଟଟି ନୂତନ ଭାବେ ନିର୍ମାଣ କରାଯାଇ ନ ଥିଲା। ବର୍ତ୍ତମାନ ସେହି କଲଭର୍ଟର ଗୋଟିଏ ପାର୍ଶ୍ୱର କାନ୍ଥ ପିଲର ଭୁଶୁଡ଼ି ପଡ଼ିଛି। ଏହି ରାସ୍ତା ଦେଇ ଦୈନିକ ଭାରତମାଳାରେ ନିୟୋଜିତ ଶହଶହ ଭାରୀଯାନ ଯିବା ଆସିବା କରୁଛି। ଯଦ୍ୱାରା ସେହି ରାସ୍ତାଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ବର୍ତ୍ତମାନ କର୍ତ୍ତିଆଗୁଡ଼ା ଛକରୁ ଡ଼ଙ୍ଗରାକୁ ଯିବା ରାସ୍ତାଟି ମରଣାଯନ୍ତା ପାଲଟିଛି। ସ୍ଥାନୀୟ ଅଞ୍ଚଳର ପ୍ରହଲ୍ଲାଦ ଚଲାଣ, ଖେମରାଜ ହରିଜନ, ମହେନ୍ଦ୍ର ଭତରା, ବୈଦନାଥ ପୂଜାରୀ, ଗଙ୍ଗା ଭତରା, ବଳି ବିଷୋୟୀ, ଡୁଳା ନାୟକ, ସୋନୁ ନାୟକ ପ୍ରମୁଖ ଉକ୍ତ କଲଭର୍ଟ କୁ ତୁରନ୍ତ ନୂତନ ଭାବେ ନିର୍ମାଣ କରିବାକୁ ଦାବି କରିଛନ୍ତି।

# ଶିକ୍ଷା ସହ ଖେଳକୁଦକୁ ଗୁରୁତ୍ୱଦେବା ଜରୁରୀ

**ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳ, ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ**

ଡାବୁଗାଁ, ୫।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦରସ୍ଥିତ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୧୧ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏଡିଇଓ ଡ. ରେଶମଲାଲ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ସାମାଜିକ କର୍ମୀ ଏମ୍. ଆପ୍ପାରାଓ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ଓ ଏବିଇଓ ଭଗବାନ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା ସହ ଖେଳକୁଦକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଉପଦେଶ ଦେଇଥିଲେ। ୪୦ ବର୍ଷ ପରେ ଶାରୀରିକ ବ୍ୟାୟାମ ଅପରିହାର୍ଯ୍ୟ। ଶାରୀରିକ ବ୍ୟାୟାମ ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅଂଶ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖେଳକୁଦରେ ମଧ ମନୋନିବେଶ କରିବାକୁ ଏଡିଇଓ ରେଶମଲାଲ ନାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ। ୧୪ ଏବଂ ୧୭ ବର୍ଷରୁ କମ୍ ବାଳିକା ବାଳକ ବିଭାଗରେ ପ୍ରଥମ ଦିନରେ ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦ ମିଟର ଦୌଡ଼, ସଟ୍‌ପୁଟ ଓ ଭଲିବଲ ଆଦି ଖେଳ ହୋଇଛି। ଖେଳ ଶିକ୍ଷକ ବିଭାଶିଷ ଦେ, ବ୍ରଜବନ୍ଧୁ କାଣ୍ଡି, ମନୋଜ ପୂଜାରୀ, ହେମନ୍ତ ସାମଲ, କ୍ଷୀରୋଦ ବିଶ୍ୱାସ, ରଞ୍ଜନ ପରିଡ଼ା, ବାସୁଦେବ ରଥ, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରତି ବ୍ଲକ୍‌ରୁ ଆସିଥିବା ଖେଳ ଶିକ୍ଷକ, ଡାବୁଗାଁ ବ୍ଲକ୍‌ର ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଜିଲାର ୧୦ ବ୍ଲକ୍‌ରୁ ୪୦୦ ଛାତ୍ରୀଛାତ୍ର ଯୋଗଦେଇଛନ୍ତି।


ଅତିଥିମାନେ ଦୀପ ଜାଳି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।


ଛାତ୍ରଛାତ୍ରୀମାନେ ପରେଡ୍ କରୁଛନ୍ତି।

